# Foreign Minister of the Russian Federation, H.E. Mr. Sergei Lavrov, calls on Prime Minister Shri Narendra Modi

April 01, 2022

## ରୁଷ ମହାସଂଘ ବୈଦେଶିକ ମନ୍ତ୍ରୀ ମହାମହିମ ସର୍ଜେଇ ଲାଭରୋଭଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାକ୍ଷାତ

ରୁଷ ମହାସଂଘ ବୈଦେଶିକ ମନ୍ତ୍ରୀ ମହାମହିମ ସର୍ଜେଇ ଲାଭରୋଭ ଆଜି (୦୧.୦୪.୨୦୨୨) ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି ।

ବୈଦେଶିକ ମନ୍ତ୍ରୀ ଲାଭରୋଭ ଚାଲିଥିବା ଶାନ୍ତି କଥାବାର୍ତ୍ତା ସମେତ ୟୁକ୍ରେନ ପରିସ୍ଥିତି ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ତୁରନ୍ତ ହିଂସାର ସମାପ୍ତି ନେଇ ନିଜର ଅଭିମୁଖ୍ୟ ଦୋହରାଇବା ସହ  ଯେକୌଣସି ପ୍ରକାର ଶାନ୍ତି କଥାବାର୍ତ୍ତା ନେଇ ଭାରତ ପ୍ରସ୍ତୁତ ବୋଲି କହିଥିଲେ ।

ଭାରତ-ରୁଷ ମଧ୍ୟରେ ୨୦୨୧ ଡିସେମ୍ବରରେ ହୋଇଥିବା ଶିଖର ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ଅଗ୍ରଗତି ନେଇ ସବିଶେଷ ସ୍ଥିତି ଉପରେ ରୁଷ ବୈଦେଶିକ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ।

ନୂଆଦିଲ୍ଲୀ

ଚୈତ୍ର 01, 2022

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.